

# ଭାରତରେ
# ବରିଷ୍ଠ ନାଗରିକଙ୍କ
# ସଂପର୍କିତ ଆଇନ





## ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣ
**The Odisha State Legal Services Authority (OSLSA)**

ଆମ ଯୋଗାଯୋଗ ଠିକଣା:
ଆଇନ ସେବାଭବନ, ସେକ୍ଟର-୧, ସିଡ଼ିଏ, ମର୍କତ ନଗର, କଟକ -୭୫୩୦୧୪
ଇ ମେଲ - oslsa1997@gmail.com
ଟେଲି ସହଯୋଗ ନମ୍ବର -୧୫୧୦୦
9438578586 (Nyaya Sanjog)





# ଭାରତରେ ବରିଷ୍ଠ ନାଗରିକଙ୍କ ସଂପର୍କିତ ଆଇନ



ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ଜୀବନ ଏକ ନିରନ୍ତର ପ୍ରଗତିର ଧାରା । ଏହା ଉପରେ ବୟସର ଛାପ ଏକ ଅକାଟ୍ୟ ସତ୍ୟ । କିନ୍ତୁ କ୍ଷୋଭର ବିଷୟ, ଜୀବନର ଏହି ପ୍ରାକୃତିକ ପ୍ରକ୍ରିୟା ସହିତ ଏବେ ଯୋଡି ହୋଇ ଯାଇଛି, ବରିଷ୍ଠ ନାଗରିକଙ୍କ ସମ୍ବନ୍ଧିତ ଏକ ବୈଶ୍ୱିକ ସମସ୍ୟା । ଯୌଥ ପରିବାରର ସୁସ୍ଥ ସୃଦୃଢ ସାମାଜିକ ବ୍ୟବସ୍ଥା ଦ୍ୱାରା ସମୃଦ୍ଧ ଭାରତ ପାଇଁ ବୃଦ୍ଧାବସ୍ଥା କେବେବି ଏକ ସମସ୍ୟା ନଥିଲା । କିନ୍ତୁ ଚଳନ୍ତି ସମୟରେ ପରିବାରର ବୟସ୍କ ସଦସ୍ୟଙ୍କୁ ଏକ ବୋଝ ଭାବେ ଗଣାଯାଉଛି । ଦାରିଦ୍ର୍ୟ, ଜୀବନର ମୌଳିକ ଆବଶ୍ୟକତାର ପୂରଣରେ ଅସମର୍ଥତା, ଅପପୃଷ୍ଟି, ବିଧବାତ୍ୱ, ରୁଗଣ ସ୍ୱାସ୍ଥ୍ୟ, ସାମାଜିକ ଜୀବନରେ ନିଜକୁ ଗୌଣ ମନେକରିବା, ସାମାଜିକ ସୁରକ୍ଷାର ଅଭାବ, ଏକକ ପରିବାର ପ୍ରଥା, ସୃଜନାତ୍ମକ ଅବସର ସମୟର ଅଭାବ, ଏହିପରି ଆହୁରି ଅନେକ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ କାରଣ ବରିଷ୍ଠ ନାଗରିକଙ୍କୁ ଦୟନୀୟ ସ୍ଥିତିକୁ ନେଇଯାଇଛି।

ତେବେ ଆଶ୍ୱସ୍ତିର ବିଷୟ, ସରକାର ବରିଷ୍ଠ ନାଗରିକ ମାନଙ୍କର ସମସ୍ୟାର ସମାଧାନ ତଥା ସେମାନଙ୍କୁ ଏକ ନିରାପଦ, ସୁସ୍ଥ, ସମର୍ଥ ଜୀବନ ଯାପନ ପାଇଁ ସକ୍ଷମ କରିବା ଲକ୍ଷ୍ୟରେ ବିବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ଆଇନ ପ୍ରଣୟନ କରାଯାଉଛି ।

## ୧. ସାମ୍ବିଧାନିକ ବ୍ୟବସ୍ଥା (CONSTITUTION OF INDIA)

ବରିଷ୍ଠ ନାଗରିକଙ୍କ ସମ୍ବନ୍ଧିତ ଏହି ଧାରା ଗୁଡିକ ଭାରତ ସମ୍ବିଧାନରେ ସ୍ଥାନିତ ହୋଇଛି ।

**ଧାରା ୨୧-** ମର୍ଯ୍ୟାଦାପୂର୍ଣ୍ଣ ଭାବେ ଜୀବନ ଧାରଣର ଅଧିକାର ପ୍ରଦାନ କରୁଥିବା ଏହି ଧାରା ମଧ୍ୟରେ ବରିଷ୍ଠ ନାଗରିକ ମାନଙ୍କର ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଧାରଣର ଅଧିକାର ଅନ୍ତର୍ଭୁକ୍ତ ଅଟେ ।

**ଧାରା ୪୧-** ଶିକ୍ଷା, କର୍ମ ଓ କେତେକ କ୍ଷେତ୍ରରେ ସାଧାରଣ ସହାୟତା ପ୍ରାପ୍ତ ହେବାର ଏହି ଅଧିକାର ଅନୁସାରେ ରାଷ୍ଟ୍ର ନିଜର ଅର୍ଥନୈତିକ ସାମର୍ଥ୍ୟ ଅନୁସାରେ ବୟସ୍କମାନଙ୍କ ପାଇଁ ଫଳପ୍ରଦ ଓ ଉପଯୋଗୀ ପଦକ୍ଷେପ ଗ୍ରହଣ କରିବେ ।

**ଧାରା ୪୬-** ରାଷ୍ଟ୍ର ସମାଜର ଦୁର୍ବଳ ବର୍ଗ, ଯାହା ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ, ଏମାନଙ୍କ ଅର୍ଥନୈତିକ ସ୍ୱାର୍ଥ ପାଇଁ ଅଧିକ ଯତ୍ନଶୀଳ ହେବେ ଓ ସାମାଜିକ ଅନ୍ୟାୟ ଓ ସକଳ ପ୍ରକାର ଭେଦଭାବରୁ ସୁରକ୍ଷିତ ରଖିବେ ।

୨- ବ୍ୟକ୍ତିଗତ ଆଇନ ବ୍ୟବସ୍ଥା **(UNDER PERSONAL LAWS)**

(କ) ହିନ୍ଦୁ ଆଇନ - ହିନ୍ଦୁ ଦତ୍ତକଗ୍ରହଣ ଓ ଭରଣପୋଷଣ ଅଧିନିୟମ, ୧୯୫୬ ର ୨୦ ଧାରାରେ ହିନ୍ଦୁ ବ୍ୟକ୍ତିଗତ ଆଇନ ଅଧୀନରେ ପିତାମାତାଙ୍କର ଭରଣପୋଷଣ ସଂପର୍କିତ ବୈଧାନିକ ନିୟମ ଉଲ୍ଲେଖ ରହିଛି । ଏହି ଅଧିନିୟମ ଭାରତର ପ୍ରଥମ ବ୍ୟକ୍ତିଗତ ଆଇନର ଲିଖିତ ରୂପ, ଯାହା ପିତାମାତାଙ୍କ ଭରଣପୋଷଣ ପାଇଁ ସନ୍ତାନମାନଙ୍କ ଉପରେ ଏକ ଅଙ୍ଗୀକାର ବୋଧ ନ୍ୟସ୍ତ କରେ । ଏହି ଧାରାର ଶବ୍ଦାବଳୀର ନିହିତାର୍ଥ ସୂଚାଇଥାଏ ଯେ ପିତାମାତାଙ୍କର ଭରଣପୋଷଣର ଦାୟିତ୍ୱ କେବଳ ପୁତ୍ର ନୁହେଁ , କନ୍ୟାମାନଙ୍କର ମଧ ପିତାମାତାଙ୍କ ପ୍ରତି ସମାନ ଦାୟିତ୍ୱ ରହିଛି ।

(ଖ) ମୁସଲିମ ଆଇନ- ମୁସଲିମ ଆଇନ ମଧ୍ ଘୋଷଣା କରେ ବୟସ୍କ ପିତାମାତାଙ୍କର ଭରଣପୋଷଣ ପାଇଁ ସନ୍ତାନମାନଙ୍କର ଦାୟିତ୍ୱ ରହିଛି ।

(ଗ) ଖ୍ରୀଷ୍ଟିଆନ ଓ ପାର୍ସୀ ଆଇନ- ଯେଉଁ ପିତାମାତା ଭରଣପୋଷଣ ପାଇଁ ଇଚ୍ଛୁକ, ସେମାନେ ଫୌଜଦାରୀ କାର୍ଯ୍ୟବିଧି ସଂହିତା ( ୧୯୭୩) ଅଧୀନରେ ଆବେଦନ କରିପାରିବେ ।

**୩- ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ଅନ୍ତର୍ଗତ ବ୍ୟବସ୍ଥା (UNDER THE CODE OF CRIMINAL PROCEDURE, 1973)**

ଫୌଜଦାରୀ କାର୍ଯ୍ୟବିଧିର ସଂହିତାରେ ପିତାମାତାଙ୍କ ସହିତ ପତ୍ନୀ ଓ ସନ୍ତାନ ମାନଙ୍କର ଭରଣପୋଷଣ ନିମନ୍ତେ ନିୟମ ପ୍ରଣୀତ ହୋଇଛି ।ଏହା ଦର୍ଶାଇଥାଏ ଯେ, ଯଦି କୌଣସି ବ୍ୟକ୍ତି, ପର୍ଯ୍ୟାପ୍ତ ସାଧନ ଥିବା ସତ୍ତ୍ୱେ, ନିଜେ ନିଜର ଭରଣପୋଷଣ ନିମନ୍ତେ ଅସମର୍ଥ ପିତାମାତାଙ୍କର ଦାୟିତ୍ୱର ଅବହେଳା କରେ କିମ୍ବା ମନା କରେ, ତେବେ ପତ୍ନୀ ଓ ସନ୍ତାନଙ୍କୁ ମାସିକ ଭତ୍ତା କିମ୍ବା ପିତାମାତାଙ୍କୁ ମାଜିଷ୍ଟ୍ରେଟ ସମୁଚିତ ମନେ କରୁଥିବା ମାସିକ ଦେୟ ପ୍ରଦାନ ନିର୍ଦ୍ଧାରଣ କରିପାରିବେ ଓ ତାଙ୍କ ନିର୍ଦ୍ଦେଶାନୁସାରେ ତାହା ପୈଠ କରିବାକୁ ଆଦେଶ ଦେଇ ପାରିବେ । ଭରଣପୋଷଣ ଦାବି ଦୁଇଟି ମୁଖ୍ୟ ସର୍ତ୍ତପୂରଣ କରୁଥିବା ଆବଶ୍ୟକ-

(୧) ପିତାମାତା ନିଜେ ନିଜର ଭରଣପୋଷଣ ପାଇଁ ଅସମର୍ଥ ଥିବେ ଏବଂ

(୨) ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଧାରା ୧୨୫ ଆଦେଶ ଲାଗୁ କରା ଯାଇଥିବ, ତାଙ୍କ ପାଖରେ ପିତାମାତାଙ୍କର ଭରଣପୋଷଣ ଓ ସୁଚାରୁ ଦେଖାରଖା ପାଇଁ ପର୍ଯ୍ୟପ୍ତ ସାଧନ ରହିଥିବା ସତ୍ତ୍ୱେ ସେ ଏଥିପାଇଁ ଅବହେଳା କିମ୍ବା ପ୍ରତ୍ୟାଖ୍ୟାନ କରୁଥିବେ ।

ଫୌଜଦାରୀ କାର୍ଯ୍ୟବିଧି ସଂହିତା ଧାରା ୧୨୫ ଅନୁଯାୟୀ ଉଭୟ ପିତାମାତା (ପ୍ରକୃତ କିମ୍ବା ଦତ୍ତକ) ସେମାନଙ୍କର ସନ୍ତାନ ପାଖରୁ (କନ୍ୟା ସନ୍ତାନ ସମେତ) ଭରଣପୋଷଣ ଦାବି କରିପାରିବେ, ବିବାହିତା କନ୍ୟାକୁ

ମଧ୍ୟ ଭରଣପୋଷଣ ପାଇଁ ଦାୟୀ କରାଯିବ, ଯଦି ପିତାମାତା ସଂପୂର୍ଣ୍ଣ ଭାବେ ତାଙ୍କ ଉପରେ ନିର୍ଭରଶୀଳ ହୋଇଥିବେ । ଜଣେ ସାବତ ମାତା ମଧ୍ୟ ଭରଣପୋଷଣ ଦାବି କରିପାରିବେ, ଯଦି ସେ ଜଣେ ବିଧବା ହୋଇଥିବେ ଓ ତାଙ୍କର ସ୍ୱଜନ୍ମିତ ପୁତ୍ର କିମ୍ବା କନ୍ୟା ନଥିବେ ।

**୪. ପାରିବାରିକ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ, ୨୦୦୫ (PROTECTION OF WOMEN FROM DOMESTIC VIOLENCE ACT, 2005 )**

ଘରଭିତରେ କିମ୍ବା ପରିବାର ମଧ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ହିଂସାରୁ ସୁରକ୍ଷା ଦେବାପାଇଁ ଏହି ଆଇନ ପ୍ରଣୟନ କରାଯାଇଛି ।

ପାରିବାରିକ ହିଂସା ଅଧିନିୟମର ଧାରା ୨(କ) ରେ ପ୍ରଦତ୍ତ ସଂଜ୍ଞା ଅନୁସାରେ, ଜଣେ ପୀଡିତା ର ଅର୍ଥ ସେହି ମହିଳା, ଯିଏ ପ୍ରତିବାଦୀର ପାରିବାରିକ ସଂପର୍କୀୟ ଅଟନ୍ତି, ବା ରହି ଆସିଛନ୍ତି ଏବଂ ପ୍ରତିବାଦୀ ଦ୍ୱାରା କୌଣସି ପାରିବାରିକ ହିଂସାତ୍ମକ କାର୍ଯ୍ୟର ଶିକାର ହୋଇଥିବାର ଅଭିଯୋଗ ଆଣିଛନ୍ତି, ଏହା ମଧ୍ୟ ପରିବାରର ସଦସ୍ୟଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିବା ଜଣେ ବରିଷ୍ଠ ମହିଳା ନାଗରିକଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ଅଟେ ।

**୫- ପିତାମାତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ, ୨୦୦୭ (THE MAINTENANCE AND WELFARE OF PARENTS AND SENIOR CITIZENS ACT, 2007)**

ଆଇନଗତ ଉତ୍ତରାଧିକାରୀଙ୍କୁ ବରିଷ୍ଠ ନାଗରିକ ତଥା ପିତାମାତାଙ୍କର ଭରଣପୋଷଣ, କଲ୍ୟାଣ ନିମନ୍ତେ ଆଇନତଃ ବାଧ୍ୟ କରାଇବା ଏହି ଅଧିନିୟମର ଉଦ୍ଦେଶ୍ୟ । ଏହି ଅଧିନିୟମ ବଳରେ ବୟସ୍କ ଲୋକମାନଙ୍କର ଭରଣପୋଷଣ ନ୍ୟାୟାଧିକରଣ ଓ ଆପିଲେଟ ନ୍ୟାୟାଧିକରଣ ବସାଇବା ପାଇଁ ସରକାର କ୍ଷମତାପ୍ରାପ୍ତ ହେବେ ।

ଏହା ମଧ୍ୟ ରାଜ୍ୟସରକାରଙ୍କୁ ଜିଲ୍ଲାସ୍ତରରେ ଜରାଶ୍ରମ ଗଠନ ପାଇଁ ଅନୁମତି ଦେଇଥାଏ । ବରିଷ୍ଠ ନାଗରିକ ଓ ପିତାମାତା ସେମାନଙ୍କର ଭରଣପୋଷଣ ଓ କଲ୍ୟାଣ ପାଇଁ ସେମାନଙ୍କର ସନ୍ତାନ କିମ୍ବା ଆଇନଗତ ଉତ୍ତରାଧିକାରୀଙ୍କ ପାଖରୁ ମାସିକ ଭତ୍ତାପାଇବା ନିମନ୍ତେ ଉପଯୁକ୍ତ ଭରଣପୋଷଣ ନ୍ୟାୟାଧିକାରୀଙ୍କ ପାଖକୁ ଯିବାର ଅଧିକାର ରହିଛି ।

ଉପରୋକ୍ତ ଅଧିନିୟମ ଅନୁସାରେ, ସ୍ୱୟଂ ଭରଣପୋଷଣ ପାଇଁ ଅସମର୍ଥ ପିତାମାତା, ଜେଜେ ବାପା, ଜେଜେ ମାଆ, ବରିଷ୍ଠ ନାଗରିକ ଭରଣପୋଷଣ ଦାବି କରିପାରିବେ । ପିତା, ମାତା (ପ୍ରକୃତ କିମ୍ବା ପୋଷ୍ୟ କିମ୍ବା ସାବତ) ଭରଣପୋଷଣ ଦାବି କରିପାରିବେ । ଏହି ଅଧିନିୟମ ସୂଚାଇଥାଏ ଯେ, ପିତାମାତାଙ୍କ କ୍ଷେତ୍ରରେ ସେମାନେ ବରିଷ୍ଠ ନାଗରିକ

ହେବା ଅତ୍ୟାବଶ୍ୟକ ନୁହେଁ । ଉଭୟ ଜେଜେ ବାପା, ଜେଜେ ମାଆ, ଅଜା, ଆଇ ଏହି ଅଧିନିୟମ ବଳରେ ଭରଣପୋଷଣ ଦାବି କରିପାରିବେ ।

**ଧାରା ୨୪-** ଏହି ଅଧିନିୟମର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭବ, ଯାହା ବରିଷ୍ଠ ନାଗରିକଙ୍କୁ ସେବା ଯତ୍ନ ଓ ସୁରକ୍ଷା ଦାୟିତ୍ୱରେ ଥିବା କୌଣସି ବ୍ୟକ୍ତି ଏପରି ବରିଷ୍ଠ ନାଗରିକଙ୍କୁ ସଂପୂର୍ଣ୍ଣ ପରିତ୍ୟାଗ କରିବା ଉଦ୍ଦେଶ୍ୟରେ ତାଙ୍କୁ କୌଣସି ସ୍ଥାନରେ ଛାଡିଦେଲେ ତାଙ୍କୁ ତିନି ମାସ ଯାଏଁ ବର୍ଦ୍ଧିତ କାରାଦଣ୍ଡ କିମ୍ବା ପାଞ୍ଚ ହଜାର ପର୍ଯ୍ୟନ୍ତ ଅର୍ଥଦଣ୍ଡ କିମ୍ବା ଉଭୟ ଦଣ୍ଡ ମିଳିବାର ବ୍ୟବସ୍ଥା ରହିଛି ।

ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ **ଧାରା ୩୨** ଦ୍ୱାରା ମିଳିଥିବା କ୍ଷମତା ବଳରେ ଆମ ରାଜ୍ୟ ସରକାର ଓଡିଶା ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ନିୟମାବଳୀ, ୨୦୦୯ ପ୍ରଣୟନ କରିଛନ୍ତି ।

**୬- ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ (THE LEGAL SERVICES AUTHORITIES ACT, 1987)**

ଏହି ଆଇନର ଧାରା ୧୨, ବରିଷ୍ଠ ନାଗରିକଙ୍କୁ ମାଗଣା ଆଇନ ସେବାର ସୁବିଧା ପ୍ରଦାନ କରିଥାଏ ।

**ବରିଷ୍ଠ ନାଗରିକଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୋଜନା (SCHEMES OF CENTRAL GOVERNMENT & STATE GOVERNMENT FOR SENIOR CITIZENS)**

ଆଇନ ପ୍ରଣୟନ ବ୍ୟତୀତ, ଏହି ଯୋଜନାଗୁଡିକ ବରିଷ୍ଠ ନାଗରିକ ମାନଙ୍କର କଲ୍ୟାଣ ନିମନ୍ତେ ଅଭିପ୍ରେତ-

୧- ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା [Rastriya Vayoshri Yojana(RVY)]

୨- ବୟସ୍କ ସ୍ୱାସ୍ଥ୍ୟ ସୁଯତ୍ନ ଜାତୀୟ କାର୍ଯ୍ୟକ୍ରମ [National Programme for Health Care of the elderly (NPHCE)]

୩- ଜାତୀୟ ସ୍ୱାସ୍ଥ୍ୟ ମିଶନ (National Health Mission (NHM)

୪- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା [Rashtriya Swasthya Bima Yojana (RSBY)]

୫- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା [Pradhan Mantri Jan Arogya Yojana (PMJAY)]

୬- ଆୟୁଷ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟ ସୁବିଧା (Medical Facilities by AYUSH)

୭- ବରିଷ୍ଠ ନାଗରିକ କଲ୍ୟାଣ ପାଣ୍ଠି (Senior Citizen Welfare Fund)

୮- ଅନ୍ନପୂର୍ଣ୍ଣା ଯୋଜନା (Annapurna Scheme)

୯- ଅନ୍ତ୍ୟୋଦୟ ଅନ୍ନ ଯୋଜନା [Antyodaya Anna Yojana (AAY)]

୧୦-ଜାତୀୟ ପେନସନ ଯୋଜନା (National Pension Scheme)

୧୧-ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନା [Pradhan Mantri Vaya Vandana Yojana (PMVVY)]

୧୨- ମହାପ୍ରୟାଣ ଯୋଜନା (Mahaprayana Yojana)

୧୩- ବରିଷ୍ଠ ନାଗରିକ ସୁରକ୍ଷା ସେଲ୍ (Senior Citizen Security Cell)

୧୪- ମଧୁବାବୁ ପେନସନ୍ ଯୋଜନା (Madhubabu Pension Scheme)

**୧୫-ନାଲସା ବରିଷ୍ଠ ନାଗରିକଙ୍କୁ ଆଇନସେବା ଯୋଜନା, ୨୦୧୬**
[NALSA (Legal Services to Senior Citizens) Scheme, 2016]

ଏହି ଯୋଜନାର ଆଭିମୁଖ୍ୟ ମଧ୍ୟରେ ରହିଛି-

- ବରିଷ୍ଠ ନାଗରିକମାନେ ପାଇବାକୁ ଯୋଗ୍ୟ ମୌଳିକ ଅଧିକାର ଓ ସୁବିଧାର ରୂପରେଖ ପ୍ରସ୍ତୁତ କରିବା ।
- ଜାତୀୟ, ରାଜ୍ୟ, ଜିଲ୍ଲା ତଥା ତାଲୁକ ସ୍ତରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଆଇନ ସହାୟତା ଓ ପ୍ରତିନିଧିତ୍ୱକୁ ସୁଦୃଢ କରିବା ।
- ବିବିଧ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ପ୍ରତି ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚିବାକୁ ସୁନିଶ୍ଚିତ କରାଇବା ।
- ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ନ୍ୟାୟାଧିକରଣ ଓ ଆବେଦନମୂଳକ (ଆପିଲେଟ୍) ନ୍ୟାୟାଧିକରଣ ଅଧିନିୟମ, ୨୦୦୭ ସଦୃଶ ପ୍ରାଧିକରଣ ଓ ଅନୁଷ୍ଠାନ ମାନଙ୍କରେ ଜରାଶ୍ରମ ପ୍ରତିଷ୍ଠା କାର୍ଯ୍ୟ ସୁନିଶ୍ଚିତ କରାଇବା ।
- ବରିଷ୍ଠ ନାଗରିକମାନଙ୍କର ଅଧିକାର ଓ ସ୍ୱତ୍ତ୍ୱ ସଂପର୍କରେ ସଚେତନା ସୃଷ୍ଟି ଓ ବିସ୍ତାରିତ କରିବା

ସବୁ ସ୍ତରରେ ତାଲିକାଭୁକ୍ତ ଆଇନଜୀବି, ଅର୍ଦ୍ଧ-ନ୍ୟାୟିକ ସ୍ୱେଚ୍ଛାସେବୀ (ପାରା ଲିଗାଲ), ସ୍ୱେଚ୍ଛାସେବୀ, ବିଭିନ୍ନ ଯୋଜନା ଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ଦାୟିତ୍ୱରେ ଥିବା ସରକାରୀ କାର୍ଯ୍ୟାଧିକାରୀ, ଆରକ୍ଷୀ କର୍ମଚାରୀ , ସେବା ପ୍ରଦାନକାରୀ ଅଣ ସରକାରୀ ସଂଗଠନମାନଙ୍କର ତାଲିମ, ଅଭିବିନ୍ୟାସ ଓ ଜାଗରୁକତା କାର୍ଯ୍ୟକ୍ରମ ମାଧ୍ୟମରେ ସାମର୍ଥ୍ୟର ଅଭିବୃଦ୍ଧି କରାଇବା ।

ଏହି ଦିଗରେ ଥିବା ଶୂନ୍ୟସ୍ଥାନ ଓ ଆବଶ୍ୟକତାକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ଯୋଜନା ଓ ଆଇନ ଇତ୍ୟାଦିର ଗବେଷଣା ଓ ଲିଖିତ ପ୍ରମାଣସିଦ୍ଧ ଦସ୍ତାବିଜ ଗ୍ରହଣ କରିବା ଓ ତତସମ୍ବନ୍ଧୀୟ ସୁବିଚାର ଉପଯୁକ୍ତ ପ୍ରାଧିକରଣକୁ ଅବଗତ କରାଇବା ।

***

ବି.ଦ୍ର.:-ଏହି ପତ୍ରକଟି କେବଳ ଆଇନ ସଚେତନତା ଉଦ୍ଦେଶ୍ୟରେ ପ୍ରକାଶିତ ଓ ବିତରଣ କରାଯାଉଛି । ଏଠାରେ ଦର୍ଶାଯାଇଥିବା ତଥ୍ୟ, ସଂଜ୍ଞା, ବକ୍ତବ୍ୟ, ମତ, ଚିତ୍ର ଓ ଅଳଙ୍କରଣ କେବଳ ଆଇନ ଉପଦେଶାତ୍ମକ ଅଟେ । ଏହାକୁ କୌଣସି ଅଦାଲତ, ସରକାରୀ/ବେସରକାରୀ କାର୍ଯ୍ୟାଳୟରେ ଆଇନ ସମ୍ବଳିତ ପୁସ୍ତକଭାବେ ବ୍ୟବହାର କରାଯାଇ ନପାରେ । ଏହାକୁ ନିର୍ଭର କରି କୌଣସି ପଦକ୍ଷେପ ନେବାଦ୍ୱାରା କେହି ଯଦି କୌଣସି ପ୍ରକାରର ନଷ୍ଟ, କ୍ଷତି ଅଥବା ପୀଡାର ସମ୍ମୁଖୀନ ହୁଅନ୍ତି ସେଥିଲାଗି ପ୍ରକାଶକ ଦାୟୀ ରହିବେ ନାହିଁ । ଆଇନର ସଠିକ ସ୍ଥିତିକୁ ଜାଣିବା ପାଇଁ ଆଇନ ସମ୍ବଳିତ ପୁସ୍ତକ କିମ୍ବା ସରକାରଙ୍କ ଦ୍ୱାରା ପ୍ରକାଶିତ ରାଜପତ୍ରର ପରାମର୍ଶ ନିଆଯାଇ ପାରେ । ଏହି ପତ୍ରକରେ ତ୍ରୁଟି ସଂଶୋଧନ ପାଇଁ ଯଥା ସାଧ୍ୟ ଚେଷ୍ଟା କରାଯାଇଥିବା ସତ୍ତ୍ୱେ କୌଣସି ତ୍ରୁଟି କାହାର ନିଜରକୁ ଆସିଲେ ଦୟାକରି ଆମ୍ଭକୁ ଅବଗତ କରାନ୍ତୁ ।